

ଜଣ ଧବଳ ଧାଉଳିଆ ମାମଲତକାର ମାଧବ ସହ କାହିଁକି ଦି ତିନି ମାସ ଧରି ସାଥୀ ହୋଇ ବୁଲିଲେ । କଅଣ ହେଲା କେହି ବୁଝି ପାରିଲେନି, ମାଧବ ପରିଡ଼ା ଜମି ପରେ ଜମି ବିକ୍ରିକରି ଚାଲିଲା । ଏମିତି କି ତା'ର ଭାତହାଣ୍ଡି ଓହଳ ଜମି ଖଣ୍ଡକ ଶେଷକୁ ବିକ୍ରି କରିଦେଲା । ବୁଢ଼ୀ ଦୁଇଜଣ କେତେ କାଳରୁ ଆଖିବୁଜି ସାରିଥିଲେ । ସୁଲକ୍ଷଣୀ ଜାଣିଲା ବେଳକୁ ଜମି ସବୁ ଶେଷ ହୋଇସାରିଲାଣି । ପାଟି ଖୋଲିନି ଏ ବିଷୟରେ ମାଧବ ସାମ୍ନାରେ, ଏତିକି ଯଦି କହିଥିବ, ଆମ ପୁଅ ଝିଅ କଅଣ ଖାଇବେ ?

ଆଣ୍ଠୁ ବଡ଼ି ପାଣି ଅଣ୍ଟାଏ ହେବାବେଳକୁ ସମସ୍ତଙ୍କୁ ଦେଖାଗଲା, ମାଧବ ଗୁଲି ଅଫିମ କବଳରେ ପଡ଼ିଯାଇଛି । ସୁଲକ୍ଷଣୀର ସକଳ ଅନୁନୟ ବିନୟ ବ୍ୟର୍ଥ ହୋଇଛି, ଗାଁର କେହି ଦିନେ ଦେଖିନି ସୁଲକ୍ଷଣୀ ମାଧବକୁ ଲୋକହସା କରିବାରେ । ସିଏ ସ୍ୱାମୀର ଅନ୍ତରାୟ ହୋଇନି ଏମିତି କାମବେଳେ । ମନ କୋହ ମନରେ ମାରି ଘର କାମରେ ବ୍ୟସ୍ତଥାଏ । ସ୍ୱାମୀ ଯାହା ଆଣିଦେବେ ସେଥିରେ ସନ୍ତୁଷ୍ଟ ହୋଇ ରହିବାର ପ୍ରତିଜ୍ଞା କରିଛି । ପିଲା ଦୁଇଟାଙ୍କ ଭବିଷ୍ୟତ ଚିନ୍ତା କରି ଆଖିରୁ ଲୁହ ଗଡ଼େଇ ଗଡ଼େଇ ଅନ୍ଧ ହୋଇଯାଇଛି ।

ଜାମୁତୋଟା ଗାଁଟା ସାରା ମାଧବକୁ ଦେଖିଲେ, ନାକ ଟେକନ୍ତି । ସିଏ କାହାର ବ୍ୟକ୍ତିଗତ କ୍ଷତି ପହଞ୍ଚାଇ ନାହିଁ ବା କାହାକୁ ପରୋକ୍ଷରେ ହଇରାଣ କରି ନାହିଁ । ତା'ର ସ୍ତ୍ରୀ ଓ ପିଲାମାନଙ୍କ ପାଇଁ କିଞ୍ଚିତ୍ ନ ରଖି ନିଜ ସମ୍ପତ୍ତି ନିଶା ସେବନ ପାଇଁ ବ୍ୟୟ କରି ସାରିଦେଇଛି । ଏଥିପାଇଁ ଯେତିକି କହିବା କଥା, ସୁଲକ୍ଷଣୀ ଗୋଡହାତ ଧରି କହିଛି । ନିଜ ପତିଭକ୍ତିର ଉଦାହରଣ ସିଏ ପାଲଟି ଯାଇଛି । ଘରେ କିଛି କଳି ତକରାଳ ହୋଇନି, ସ୍ୱାମୀ ସ୍ତ୍ରୀ ଭିତରେ କିଛି ମନୋମାଳିନ୍ୟ ଘଟିନି, ପିଲାଙ୍କୁ କିଛି ଜଣାଇବାକୁ ଦେଇନି ସ୍ୱାମୀଙ୍କର ଚାଷଜମି ଅପବ୍ୟୟର କଥା । ଏମିତି କି ସୁଲକ୍ଷଣୀର ବାପା ଭାଇ କୁଆଡୁ ଖବର ପାଇ ମାଧବକୁ ପଚାରିବାକୁ ଆସି ବି ସୁଲକ୍ଷଣୀର ମତିଗତି ଦେଖି ଫେରିଯାଇଛନ୍ତି ।

କେବେ ସାଇଭାଇରେ ସୁଲକ୍ଷଣୀକୁ ମାଧବର ନିଶାଖୋର ବିଷୟ କହିଲେ ବି ସିଏ ନିରବ ରହେ । ତାର ପତିଭକ୍ତି ଦେଖି ସମସ୍ତେ ତାଟକା ହୁଅନ୍ତି, କିପରି ସେମାନେ ଚଳିବେ ପିଲାମାନେ କଅଣ ଖାଇବେ ପିନ୍ଧିବେ ବୋଲି ପ୍ରଶ୍ନ କରନ୍ତି । ଆଖିର ଲୁହ ବ୍ୟତୀତ ପଦେ ବି କେହି ଶୁଣି ନାହାନ୍ତି ସୁଲକ୍ଷଣୀ ମୁହଁରୁ । ବହୁତ ଲୋକ ଭାବନ୍ତି, ବିଚାରୀ ଦୁଃଖ ନ ଦେଖିବ ବୋଲି ଠାକୁର ତା'ର ଦୃଷ୍ଟି ଫେରାଇ ନେଲେ । କାନ୍ଦି କାନ୍ଦି ସବୁବେଳ ପାଇଁ ଦେଖିବା ଶକ୍ତି ହରାଇଛି ସିଏ । ମାଧବର ସବୁ ସମ୍ପତ୍ତି ସରିବା ପରେ ସେ ନିଶାଛାଡ଼ି ଦେଇଛି । ହେଲେ କଅଣ ହେବ, ଆପଣା ହାତରେ ଜିହ୍ୱା ଛେଦନ ହୋଇସାରିଛି । ପିଲାମାନଙ୍କର ପାଠପଢ଼ା ବନ୍ଦ ହୋଇଯାଇଛି, ଅନ୍ନଚିନ୍ତା ଘାରୁଛି । ମାଧବ ପରିଡ଼ା କାହାକୁ ହାତ ପତାଇବ, ଏଇଟା ଅସମ୍ଭବ । ଝିଅଟି ମାଆ ପରି ସୁନ୍ଦରୀ ଥିବାରୁ ଜଣେ ସହୃଦୟ ଶଶୁର ବୋହୂ କରି ଘେନିଗଲେ, ତୋଳା କନିଆଁ କରି ନିଜ ଘରେ ପୁଅ ସହିତ ବାହା କରିବାକୁ । ସେଇ ପୁଅ ଅଧା ପାଠରେ କୌଣସି ଛୋଟ ଚାକିରିଟିଏ ପାଇ ଗୁଜୁରାଣ ମେଣ୍ଟାଇବାକୁ ଚେଷ୍ଟା କରୁଛି ।

ସେଇ ସୁଲକ୍ଷଣୀ ଦେହ ଦୁଃଖରେ ଦୁଇଦିନ ଧରି କତରା ଧରିଥିଲା । ମରିଗଲାନି ତ ତରିଗଲା ।

ସୁଷମା ନିଜ ମତରେ ସୁଲକ୍ଷଣୀକୁ ଦୁନିଆ ଯାକର ସ୍ତ୍ରୀମାନଙ୍କ ମଧ୍ୟରେ ସବୁଠାରୁ ଉଚ୍ଚରେ ରଖିଥିଲେ, ସ୍ୱାମୀ ସ୍ତ୍ରୀ ସମ୍ପର୍କକୁ ଘରର ସର୍ବଶ୍ରେଷ୍ଠ ସମ୍ପତ୍ତି ବୋଲି ଭାବୁଥିଲେ । ଗାଁରେ ଏତେ ସ୍ତ୍ରୀ ଲୋକଥିଲେ, ପୁଣି ଯୋଉ ଘରକୁ ସିଏ ନିଜେ ନ ପଶନ୍ତି, ସେଇଠି ଛପି ରହିଥିଲା ତାଙ୍କର ଆଦର୍ଶ ।

ହେଲେ, ଏମିତି ପତିପ୍ରାଣା ଉଦାହରଣ କେତେ ଅବା ଦେଖିବାକୁ ମିଳେ ? ସେଇ ଶବ୍ଦ ଶୁଭିଲା ଅହ୍ୟ ଡେଙ୍ଗୁରାର ତାନରୁ । ସ୍ୱାମୀ ସୁହାଗିଆ ଗୁଣ ଓଖଳି ତୋଳୁଥିଲା ଡେଙ୍ଗୁରାର ତାନ । କାହାବେଳକୁ ତ ଏମିତି ସୁସ୍ୱରରେ ଡେଙ୍ଗୁରା ସ୍ୱର ଶୁଭେନାହିଁ, ଏମିତି ଗୁଣୁ ଗୁଣୁ ହେଉଥିଲେ ସୁଷମା ।

*ସମାରୋହ, ୧୨୮, ଡୁମୁଡୁମା (କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦*